## ସଂକ୍ଷେପରେ

### ଭାଜପା ପକ୍ଷରୁ ସେବା ସପ୍ତାହ ପାଳିତ

**ଲୋଇସିଂହା,୨୦।୯(ଡି.ଏନ.ଏ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ଉପଲକ୍ଷେ ଭାଜପା ପକ୍ଷରୁ ସେବା ସପ୍ତାହ ପାଳିତ ହେଉଛି। ଏହି ପରିପ୍ରେକ୍ଷୀରେ ରବିବାର ଲୋଇସିଂହା ମଣ୍ଡଳ ପକ୍ଷରୁ ସାଧାରଣ ସମ୍ପାଦକ ବାହାଦୁର ବାବୁଙ୍କ ନେତୃତ୍ୱରେ ଅଙ୍ଗନୱାଡି, କଲ୍ୟାଣମଣ୍ଡପ ସଫେଇ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ସେହିପରି କୁଶମେଲମଣ୍ଡଳ ପକ୍ଷରୁ ଝାରମୁଣ୍ଡାଠାରେ କିଶୋର ପଟେଲ ଓ ଅମରଜିତ ପଟେଲଙ୍କ ନେତୃତ୍ୱରେ ମଧ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଭୂତନାଥ ନାଏକ, ଗୌରାଙ୍ଗ ନାଏକ, ରାଜୁସାହୁଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।

### କୋକସରାରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ

**କୋକସରା,୨୦।୯(ଡି.ଏନ.ଏ.):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିବସ ଅବସରରେ କୋକସରା ବ୍ଲକ ବରାଡ଼ଙ୍ଗା ପଞ୍ଚାୟତ ସିଉନି ଗ୍ରାମରେ ଯୁବ କ୍ରିୟାନୁଷ୍ଠାନ କମିଟି ତରଫରୁ ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କ୍ରିୟାନୁଷ୍ଠାନ କମିଟି ସଭାପତି ଭୁବନେଶ୍ୱର ଦିଶାରୀ ଓ ସାମାଜିକ କର୍ମୀ ଈଶ୍ୱରୀ ପ୍ରସାଦ ଅଗସ୍ତିଙ୍କ ନେତୃତ୍ୱରେ କମିଟିର ସମସ୍ତ ସଦସ୍ୟ ଗ୍ରାମର ଡ୍ରେନ ସହ ବିଭିନ୍ନ ସ୍ଥାନରେ ପଡି ରହିଥିବା ଅଳିଆଆବର୍ଜନା ସଫା କରିଥିଲେ। ସେହିପରି କୋକସରା ବ୍ଲକ ଟେମରାଠାରେ ଭାଜପା କୋକସରା ମଣ୍ଡଳ ଯୁବନେତା ଗୋଦାବରୀଶ ପାତ୍ରଙ୍କ ନେତୃତ୍ୱରେ ଗ୍ରାମର ଜଗନ୍ନାଥ ମନ୍ଦିର ପରିସରରେ ସ୍ୱଚ୍ଛତା କାର୍ଯ୍ୟକ୍ରମ କରାଯାଇଛି। ତ୍ରିନାଥ ବାଗ, ସୁଧୀର ପାତ୍ର, କ୍ଷିତିରାମ ପାତ୍ର, ଅଭିରାମ ଲଦୁଆ, ଖମାରି ବାଗ, ଦୁଖାଲୁ, ନିର୍ମଳ ପାଣିଗ୍ରାହୀ, କେଶରୀ ମାଝୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ।

### ଦୁର୍ଘଟଣାରେ ସ୍କୁଟି ଆରୋହୀ ଗୁରୁତର

**ରେଙ୍ଗାଲି,୨୦।୯(ଡି.ଏନ.ଏ):** ସମ୍ବଲପୁର-ରାଉରକେଲା ବିଜୁ ଏକ୍ସପ୍ରେସ୍ ୱେ ରେଙ୍ଗାଲି ଥାନା ଅନ୍ତର୍ଗତ ପାଣ୍ଡଲୋଇ ନିକଟରେ ରବିବାର ଗାଡ଼ି ଧକ୍କାରେ ଜଣେ ସ୍କୁଟି ଆରୋହୀ ଗୁରୁତର ଆହତ ହୋଇଛନ୍ତି। ସନ୍ଧ୍ୟା ୬.୩୦ ସମୟରେ ଅମିତ କାଲୋ ଏକ ସ୍କୁଟିରେ ଯାଉଥବାବେଳେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ଖବର ପାଇ ରେଙ୍ଗାଲି ପୋଲିସ ପହଞ୍ଚି ଗୁରୁତର ଅମିତଙ୍କୁ ଉଦ୍ଧାର କରି ରେଙ୍ଗାଲି ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବୁର୍ଲା ଡାକ୍ତରଖାନା ସ୍ଥାନାନ୍ତରିତ କରାଯାଇଛି। ଏନେଇ ଥାନାରେ ଏକ ମାମଲା ରୁଜୁକରି ପୋଲିସ ତଦନ୍ତ ଜାରି ରଖିଛି।

### ମିଳିତ ଶିକ୍ଷକ ସଂଘର ବାର୍ଷିକ ବୈଠକ

**ଲହୁଣୀପଡ଼ା,୨୦।୯ (ଡି.ଏନ.ଏ):** ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ଲଟେଇମୁଣ୍ଡି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ରବିବାର ପୂର୍ବାହ୍ନରେ ଲହୁଣୀପଡ଼ା ବ୍ଲକ ମିଳିତ ଶିକ୍ଷକ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବୈକୁଣ୍ଠ ମାହାନ୍ତ, ସମ୍ମାନୀତ ଅତିଥି ଭାବେ ସୁଶିଳା ତିର୍କି ଯୋଗଦେଇଥିବା ବେଳେ ସଂଘ ସଭାପତି ତ୍ରିପୁରାରି ବିଶ୍ୱାଳ ଅଧକ୍ଷତା କରିଥିଲେ। ଚନ୍ଦ୍ରଶେଖର ପରିଡ଼ା ଅତିଥି ପରିଚୟ ପ୍ରଦାନ ଓ ଉମେଶ ଚନ୍ଦ୍ର ମାହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ସର୍ବସମ୍ମତିକ୍ରମେ ସଂଘର କାର୍ଯ୍ୟକର୍ତ୍ତା ଚୟନ କରାଯାଇ ସଭାପତି ଭାବେ ବୈକୁଣ୍ଠ ମାହାନ୍ତ, ଉପସଭାପତି ଭାବେ ଛନ୍ଦାଚରଣ ସାହୁ, ସମ୍ପାଦକ ଭାବେ ଚନ୍ଦ୍ରଶେଖର ପରିଡ଼ା ଓ କୋଷାଧକ୍ଷ ଭାବେ ମଦନସୁନ୍ଦର ମାହାନ୍ତ ମନୋନୀତ ହୋଇଥିଲେ। ବିଜୟ ବିଶ୍ୱାଳ, ମହେଶ ମଣ୍ଡଳ, ଜାନକୀ ମାହାନ୍ତ, ଦୁର୍ଗେଶ୍ୱର କିଷାନ, ସନ୍ତୋଷ ପାତ୍ର, ହରିପଦ ଜେନା, ମାଙ୍ଗରା ମାହାନ୍ତ, ରାଜକୁମାରୀ ମହାକୁଳ, ଜୟଦେବ ମାହାନ୍ତ, ସବିତା ପାତ୍ର, ମାଉଳି ମାହାନ୍ତଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଶତାଧିକ ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ଥିଲେ।

# ଡଙ୍ଗରିଆଙ୍କ ପାଠପଢ଼ାରେ ନେଟ୍‌ୱର୍କ ବାଧକ

**ଭବାନୀପାଟଣା,୨୦।୯(ଡି.ଏନ.ଏ.)**

ବିଏସ୍ଏନ୍ଏଲ୍ ସେବା ଅପହଞ୍ଚ। ମାଓବାଦୀ ଭୟରେ କାମ କରୁନି ଘରୋଇ ମୋବାଇଲ ଟାୱାର। ଫଳରେ ନିୟମଗିରିକୁ ପହଞ୍ଚି ପାରିନି ମୋବାଇଲ ସେବା। କୌଣସି ଗାଁ ତ ଦୂରର କଥା ପାହାଡ, ଡଙ୍ଗର ଚଢିଲେ ବି ଆସୁନି ନେଟୱର୍କ। ଫଳରେ ଅନଲାଇନ ପାଠପଢା ପାଇଁ ନିୟମଗିରିରୁ ବହୁ ତଳକୁ ଓହ୍ଲାଉଛନ୍ତି ଡଙ୍ଗରିଆ। ଶତାଧିକ ଡଙ୍ଗରିଆ ଛାତ୍ରୀଛାତ୍ର ଉଚ୍ଚଶିକ୍ଷା ଲାଗି ପ୍ରସ୍ତୁତ ହେଉଥିବା ବେଳେ ପ୍ରତିଦିନ ନେଟୱର୍କ ଥିବା ଅଞ୍ଚଳକୁ ଆସି ପଢ଼ା ସାରି ପୁଣି ଘରକୁ ଫେରିବାକୁ ବାଧ ହେଉଛନ୍ତି। ନିୟମଗିରି ପାହାଡ଼ ଉପରେ ଥିବା ୧୫ ରାଜସ୍ୱ ଗ୍ରାମ, ୮ ହାମଲେଟର ଶହେରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ବିଭିନ୍ନ ଶିକ୍ଷାନୁଷ୍ଠାନରେ ପଢୁଛନ୍ତି। କେତେଜଣ ଛାତ୍ରୀଛାତ୍ର ଭୁବନେଶ୍ୱରରେ ମଧ ଅଧ୍ୟୟନ କରୁଛନ୍ତି। ପଞ୍ଚମରୁ ଆରମ୍ଭ କରି ଦଶମ, ଯୁକ୍ତ ଦୁଇ, ଯୁକ୍ତ ତିନି, ସ୍ନାତକ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ରହିଛନ୍ତି। ଗାଁକୁ ନେଟୱର୍କ ଆସୁ ନ ଥିବାରୁ ବହୁ ଦୂର ଚାଟିକଣାକୁ ଆସି ଛାତ୍ରୀଛାତ୍ରଙ୍କୁ ପାଠ ପଢିବାକୁ ପଡୁଛି। ମାତ୍ର ଗାଡି ଚଳାଚଳ ବନ୍ଦ ଥିବାରୁ ଦୈନିକ କୁର୍ଲି, ଖମ୍ଭେସି, ଖଜୁରୀ, ଡାଙ୍ଗଲୋଡି, ହୁଣ୍ଡିଜାଲି, କାଡ୍ରାଗୁମ୍ମା, ଗର୍ତ୍ତଲି, ମୁଣ୍ଡାବାଲି ଭଳି ଦୁର୍ଗମ ଇଲାକାରୁ ଛାତ୍ରୀଛାତ୍ର ଏତେ ଦୂର ଆସିବା ସମ୍ଭବପର ହେଉନି। ଅନ୍ୟପକ୍ଷରେ ଅଧିକାଂଶ ଛାତ୍ରଛାତ୍ରୀଙ୍କ ପାଖରେ ମୋବାଇଲ ମଧ ନାହିଁ। ଦାରିଦ୍ର୍ୟ ସୀମାରେଖା ତଳେ ବସ ବାସ କରୁଥିବା ଏସବୁ ପରିବାର ମୋବାଇଲ କିଣିବା ପାଇଁ ସକ୍ଷମ ନ ଥିବା ବେଳେ କିଛି ପରିବାର ଇଚ୍ଛା ଥିବା ସତ୍ତ୍ୱେ ନେଟୱର୍କ ନ ଥିବାରୁ ମୋବାଇଲ କିଣି ନାହାନ୍ତି। ଖମ୍ଭେସି ଗାଁର ରାଧମା ୱାଡକା ରାୟଗଡା ମହିଳା ମହାବିଦ୍ୟାଳୟରେ ଯୁକ୍ତ ଦୁଇ ଶ୍ରେଣୀରେ ଅଧ୍ୟୟନ କରୁଛନ୍ତି। ଏବେ ମହାବିଦ୍ୟାଳୟ ପକ୍ଷରୁ ଅନଲାଇନରେ କ୍ଲାସ ହେଉଛି। ହେଲେ ନେଟୱର୍କ ନ ଥିବାରୁ ଏହି ସମୟ ମଧ୍ୟରେ ପଢା ଯାଇଥିବା ପାଠ ସଂପର୍କରେ ସେ କିଛି ବି ଜାଣିପାରି ନାହାନ୍ତି। ଘରେ ବସି ଯାହା ପଢୁଛନ୍ତି। ଦୈନିକ ଚାଟିକଣା ଆସି ପଢିବା ସମ୍ଭବ ହେଉ ନ ଥିବାରୁ ସେ ନିରୁପାୟ। ବିଷମକଟକ ବ୍ଲକ କୁର୍ଲି ପଞ୍ଚାୟତର ୨୩ ଟି ଗ୍ରାମରେ ମୋବାଇଲ ସେବା ନ ଥିବାରୁ ପାଠପଢାରୁ ବଞ୍ଚିତ ହେଉଛନ୍ତି ଏହି ଡଙ୍ଗରିଆ ଛାତ୍ରଛାତ୍ରୀ।


ଛାତ୍ରୀଛାତ୍ର ମୋବାଇଲରେ ପାଠ ଦେଖୁଛନ୍ତି।

**ନିୟମଗିରିରୁ ବହୁ ତଳକୁ ଓହ୍ଲାଉଛନ୍ତି ଛାତ୍ରୀଛାତ୍ର**

# ସମ୍ବଲପୁର ରେଳ ମଣ୍ଡଳରେ ସ୍ୱଚ୍ଛ ଷ୍ଟେଶନ କାର୍ଯ୍ୟକ୍ରମ

**ସମ୍ବଲପୁର,୨୦।୯(ବ୍ୟୁରୋ)**

ସମ୍ବଲପୁର ରେଳ ମଣ୍ଡଳରେ ସ୍ୱଚ୍ଛ ଷ୍ଟେଶନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ଷ୍ଟେଶନ ଗୁଡିକରେ ସଫାସତୁରାରେ ବ୍ୟବହାର ହେଉଥିବା ମେଶିନ ଗୁଡିକର କାର୍ଯ୍ୟକାରିତା, ଉପଲବ୍ଧ ଓ ସଫେଇ କର୍ମଚାରୀମାନେ ବ୍ୟବହାର କରୁଥିବା ସୁରକ୍ଷା ସମ୍ବନ୍ଧୀୟ ଉପକରଣ ଆଦି ବ୍ୟବହାରକୁ ଶୁନିଶ୍ଚିତ କରାଯାଇଛି। ରେଳଯାତ୍ରୀ ଓ ଜନସାଧାରଣଙ୍କୁ ସୁରକ୍ଷା ସମ୍ବନ୍ଧୀୟ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ସଫେଇ ଅଭିଯାନ କରାଯାଇଛି। ସ୍ୱଚ୍ଛ ଷ୍ଟେଶନ କାର୍ଯ୍ୟକ୍ରମରେ ଅଧିକାରୀ ଓ କର୍ମଚାରୀମାନେ ସାମିଲ ହୋଇଥିଲେ। ଏଥିସହ ଷ୍ଟେଶନ ଗୁଡିକରେ ଡଷ୍ଟବିନ ଯୋଗାଇ ଦିଆଯାଇଛି। ସୋମବାର ଓ ମଙ୍ଗଳବାର ସ୍ୱଚ୍ଛ ରେଳଗାଡି କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ସୂଚନା ଦିଆଯାଇଛି।


ସମ୍ବଲପୁର ରେଳ ଷ୍ଟେଶନ ସମ୍ମୁଖରେ ସଫେଇ କରାଯାଉଛି।

# ଓଡ଼ିଶାକୁ ସ୍ୱତନ୍ତ୍ର ପାହ୍ୟା ଦାବିରେ ସତ୍ୟବ୍ରତଙ୍କ ପଦଯାତ୍ରା

**କର୍ଲାମୁଣ୍ଡା, ୨୦।୯ (ଡି.ଏନ.ଏ.)**

**କର୍ଲାମୁଣ୍ଡାରେ ସ୍ୱାଗତ**

ଓଡ଼ିଶାକୁ ସ୍ୱତନ୍ତ୍ର ପାହ୍ୟା ଦାବିରେ ଜଗତ୍‌ସିଂପୁର ଜିଲା ଯୁବ ସାମାଜିକ କର୍ମୀ ସତ୍ୟବ୍ରତ ଦାସ ଯାଜପୁର ଜିଲାରୁ ପଦଯାତ୍ରା ଆରମ୍ଭ କରି ରବିବାର କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକରେ ପହଞ୍ଚିଛନ୍ତି। ବ୍ଲକ ସଦର ଶିବ ମନ୍ଦିରଠାରୁ ସାମାଜିକ କର୍ମୀ ଦାସଙ୍କୁ ସ୍ଥାନୀୟ ଜନସାଧାରଣ ସ୍ୱାଗତ କରି ବ୍ଲକ କାର୍ଯ୍ୟାଳୟ ନିକଟକୁ ଆଣିଥିଲେ। ତେବେ ରବିବାର ଛୁଟି ଥିବାରୁ ସାମାଜିକ କର୍ମୀ ବିଡିଓଙ୍କ ବାସସ୍ଥାନକୁ ଯାଇ ଓଡ଼ିଶାକୁ ସ୍ୱତନ୍ତ୍ର ପାହ୍ୟା ଦାବି ନେଇ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଇତି ମଧ୍ୟରେ ଦାସ ୨୪୬ ବ୍ଲକ ଅତିକ୍ରମ କରିଥିବା ବେଳେ ୭୬୦୦ କିଲୋମିଟରକୁ ୪୩୫ ଦିନ ଦିନରେ ପଦଯାତ୍ରା କରିଥିବା ସୂଚନା ଦେଇଥିଲେ। ଦାସଙ୍କୁ କର୍ଲାମୁଣ୍ଡା ବ୍ଲକ ସଦରଠାରେ ସାମାଜିକ କର୍ମୀ ପ୍ରଦୀପ କୁମାର, ଶିକ୍ଷକ ମାର୍କଣ୍ଡ ପାଢୀ, ସଞ୍ଜୀବ ନାଗ, ଭାଗିରଥି ଷଡ଼ଙ୍ଗୀ, ସତ୍ୟବ୍ରତ ବଗର୍ତ୍ତୀ, କୁଞ୍ଜ ସାହୁ, ଅଶୋକ ଶବର ଓ ରଘୁରାଜ ସାହୁ ପ୍ରମୁଖ ସ୍ୱାଗତ କରିଥିଲେ।


ବୁଦ୍ଧିଜୀବୀଙ୍କ ଗହଣରେ ସାମାଜିକ କର୍ମୀ ସତ୍ୟବ୍ରତ ଦାସ।

# ବେକାବୁ ହେଉଛି ପରିବା ଦର

**ଭବାନୀପାଟଣା, ୨୦।୯ (ଡି.ଏନ.ଏ)**

**ଭବାନୀପାଟଣା ବଜାର**

ବର୍ଷା ଓ ବନ୍ୟା ପରିବା ବଜାରରେ ନିଆଁ ଲଗାଇଲା ଭଳି ସ୍ଥିତି ସୃଷ୍ଟି କଲାଣି। ରାଜ୍ୟ ବାହାରୁ ଆମଦାନୀ ହେଉଥିବା ପନିପରିବା ଦର ଆକାଶଛୁଆଁ ହେବାରେ ଲାଗିଥିବା ବେଳେ ଏପଟେ ରାଜ୍ୟ ଭିତରେ ଚାଷ ହେଉଥିବା ପନିପରିବା ଦର ଉପରେ ଭରସା ନାହିଁ। ବନ୍ୟା ଯୋଗୁ ରାଜ୍ୟ ଭିତରୁ ବିଭିନ୍ନ ଜିଲାରୁ ଏବେ ଠିକ ଭାବେ ପରିବା ଆସୁ ନାହିଁ। କରୋନା ଯୋଗୁ ରୋଜଗାର ହ୍ରାସ ପାଇଥିବା ବେଳେ ଏଭଳି ସ୍ଥିତିରେ ଏବେ ଗ୍ରାହକ ମୁଣ୍ଡରେ ହାତ ଦେଲେଣି। ଏପ୍ରିଲ ମାସରେ ଆଳୁ, ପିଆଜ, ଟମାଟୋ ଦର ଯାହା ଥିଲା ଏବେ ପାଖାପାଖି ଦୁଇ ଗୁଣରୁ ଅଧିକ ହେଲାଣି। ଭବାନୀପାଟଣା ପରିବା ବଜାରରେ ଆଳୁ ଦର ୩ କିଲୋକୁ ୧୦୦ ଟଙ୍କାରେ ବିକ୍ରି ହେଉଛି। ପଶ୍ଚିମବଙ୍ଗରେ ଆଳୁ ଯଥେଷ୍ଟ ମହଜୁଦ ଅଛି। କିନ୍ତୁ ନୂଆ ଆଳୁ ବଜାରକୁ ଆସିବା ପର୍ଯ୍ୟନ୍ତ ଆଳୁ ଦର ଏପରି ବଢି କରି ରହିବ ବୋଲି ପରିବା ବ୍ୟବସାୟୀ କାଶିନାଥ ରାଉତ ପ୍ରକାଶ କରିଛନ୍ତି। ସେହିପରି ପିଆଜ ଦର କିଲୋ ପ୍ରତି ୪୦ ଟଙ୍କାରେ ବିକ୍ରି ହେଉଛି। ଯାହା ଫଳରେ ଖାଉଟି ନାହିଁ ନ ଥିବା ହନ୍ତସନ୍ତ ହେଉଛନ୍ତି। ପିଆଜ, ଆଳୁ ବ୍ୟତିତ ଅନ୍ୟାନ୍ୟ ପରିବା ଦର ମଧ୍ୟ ବେକାବୁ ହେବାରେ ଲାଗିଛି। କଳାହାଣ୍ଡି ଜିଲାରେ ପିଆଜ ଚାଷ ପୂର୍ବାପେକ୍ଷା ଅଧିକ ଚାଷ ହେଉଛି। ତେବେ ବଜାର ସୁବିଧା ନ ଥିବାରୁ ଚାଷୀ ଏହାକୁ ଅତି କମଦରରେ ବିକ୍ରି କରୁଛନ୍ତି। କାରଣ ଜିଲାରେ ଶୀତଳ ଭଣ୍ଡାର ନାହିଁ। ତେଣୁ ଚାଷୀ ରଖିକି ପିଆଜକୁ ନଷ୍ଟ କରିବା ଅପେକ୍ଷା ଶାଗ ମାଛ ଦରରେ ବିକି ଦେଉଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ବଜାର ଦର ଉପରେ କୌଣସି କଟକଣା ରହୁ ନ ଥିବାରୁ ଦର ହୁହୁ ହୋଇ ବଢୁଛି ବୋଲି ଖାଉଟିମାନେ ଅଭିଯୋଗ କରିଛନ୍ତି। ସ୍ଥାନୀୟ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାପାଇଁ ସାଧାରଣରେ ଦାବି ହେଉଛି।


ଗ୍ରାହକଙ୍କ ଅପେକ୍ଷାରେ ଜଣେ ପରିବା ବ୍ୟବସାୟୀ।

NATION TAX MARKET GST

COMMISSIONERATE OF CT & GST
FINANCE DEPARTMENT,
GOVERNMENT OF ODISHA

**ଜିଏସ୍‌ଟି ଟିକସଦାତା ଦୟାକରି ଧ୍ୟାନ ଦିଅନ୍ତୁ**
**ବିଳମ୍ବ ଶୁଳ୍କ ଛାଡ଼ / ସୀମିତ ଛାଡ଼**

No.S-13:- ୫ କୋଟି ଟଙ୍କା ପର୍ଯ୍ୟନ୍ତ ହାରାହାରି ଟର୍ଣ୍ଣଓଭର ଥିବା ଯେଉଁ ଟିକସଦାତାମାନେ ସେମାନଙ୍କ ଜିଏସ୍‌ଟି ରିଟର୍ଣ୍ଣ (GSTR-3B) ମେ, ଜୁନ, ଜୁଲାଇ ଓ ଅଗଷ୍ଟ ମାସ ପାଇଁ ଦାଖଲ କରିନାହାନ୍ତି, ସେମାନେ ଏହି ମାସ ମାନଙ୍କ ପାଇଁ ନିମ୍ନ ନିର୍ଦ୍ଧାରିତ ତାରିଖ ମଧ୍ୟରେ ରିଟର୍ଣ୍ଣ ଦାଖଲ କରି ବିଳମ୍ବ ଶୁଳ୍କ ଛାଡ଼ କିମ୍ବା ସୀମିତ ବିଳମ୍ବ ଶୁଳ୍କର ସୁବିଧା ପାଇପାରିବେ, ଯାହା ନିମ୍ନୋକ୍ତ ସର୍ତ୍ତାବଳୀ ଅନୁଯାୟୀ ଦିଆଯିବ:

| କ୍ର.ସଂ. | ଟିକସ ଅବଧି | ନିର୍ଦ୍ଧାରିତ ତାରିଖ |
|---|---|---|
| ୧ | ମେ' 2020 | ୧୫।୦୯।୨୦୨୦ |
| ୨ | ଜୁନ' 2020 | ୨୫।୦୯।୨୦୨୦ |
| ୩ | ଜୁଲାଇ' 2020 | ୨୯।୦୯।୨୦୨୦ |
| ୪ | ଅଗଷ୍ଟ' 2020 | ୦୩।୧୦।୨୦୨୦ |

ସର୍ତ୍ତାବଳୀ:
(କ) ଟିକସ ଦେୟ ପରିମାଣ 'ଶୂନ୍ୟ' ଥିଲେ ବିଳମ୍ବ ଶୁଳ୍କ ସମ୍ପୂର୍ଣ୍ଣ ଛଡ଼ା ହେବ।
(ଖ) ଟିକସ ଦେବାକୁ ପଡୁଥିଲେ ବିଳମ୍ବ ଶୁଳ୍କ ରିଟର୍ଣ୍ଣ ପ୍ରତି ୫୦୦ ଟଙ୍କା ମଧ୍ୟରେ ସୀମିତ ରହିବ।
➢ ଉପରୋକ୍ତ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଟିକସଦାତାମାନେ ଯଦି ସେମାନଙ୍କ ରିଟର୍ଣ୍ଣ ଦାଖଲ କରିବାରେ ବିଫଳ ହୁଅନ୍ତି, ତେବେ ସେମାନେ ବିଳମ୍ବ ଶୁଳ୍କ ଛାଡ଼ କିମ୍ବା ସୀମିତ ବିଳମ୍ବ ଶୁଳ୍କ ପଇଠର କୌଣସି ସୁବିଧା ପାଇବେ ନାହିଁ।
➢ ତେଣୁ ଶେଷ ତାରିଖର ଭିଡ଼ ପର୍ଯ୍ୟନ୍ତ ଅପେକ୍ଷା ନ କରି ନିଜ ନିଜର ବକେୟା ରିଟର୍ଣ୍ଣ ତୁରନ୍ତ ଦାଖଲ କରିବାକୁ ସମସ୍ତ ଟିକସଦାତାମାନଙ୍କୁ ପରାମର୍ଶ ଦିଆଯାଉଛି।

ବାଣିଜ୍ୟକର ଏବଂ ଦ୍ରବ୍ୟ ଓ ସେବାକର ଆୟୁକ୍ତ
ଓଡ଼ିଶା ସରକାର, କଟକ

Help Desk: 1800 345 6753 (Toll Free)
Email ID: ctdho@odishatax.gov.in
https://odishatax.gov.in
OIPR-05006/11/0004/2021

NATIONAL HEALTH MISSION
ଜାତୀୟ ସ୍ୱାସ୍ଥ୍ୟ ମିଶନ୍
ଓଡ଼ିଶା ସରକାର

**ଜାତୀୟ କୃମିନାଶକ ଔଷଧ ସେବନ ଅଭିଯାନ**
୨୧ ରୁ ୨୬ ସେପ୍ଟେମ୍ବର, ୨୦୨୦
DSPL-61



ଏହି ଅଭିଯାନରେ ୧-୧୯ ବର୍ଷ ବୟସ ପର୍ଯ୍ୟନ୍ତ ପିଲାମାନଙ୍କୁ ଘରକୁ ଘର ଯାଇ ନିରାପଦ କୃମି ନାଶକ ଔଷଧ ବିନାମୂଲ୍ୟରେ ଖାଇବାକୁ ଦିଆଯିବ।

ଏହା ସହିତ ନିମ୍ନ ପ୍ରଦତ୍ତ ଉପାୟ ଦ୍ୱାରା ନିଜକୁ କୃମି ସଂକ୍ରମଣରୁ ରକ୍ଷା କରନ୍ତୁ।




OIPR-10003/13/0015/2021

ଏଣୁ, ଚଳିତ ମାସ (ସେପ୍ଟେମ୍ବର) ୨୧ ରୁ ୨୬ ତାରିଖ ମଧ୍ୟରେ ସମସ୍ତ ପିଲାଙ୍କୁ (୧-୧୯ ବର୍ଷ) କୃମିନାଶକ ଔଷଧ ନିଶ୍ଚୟ ଖୁଆଇ ସେମାନଙ୍କୁ ପୁଷ୍ଟିହୀନତା, ରକ୍ତହୀନତାରୁ ଦୂରେଇ ରଖିବା ସହିତ ସେମାନଙ୍କ ମାନସିକ ତଥା ଶାରୀରିକ ଅଭିବୃଦ୍ଧିରେ ସହାୟକ ହୁଅନ୍ତୁ।

ଏହି ଅଭିଯାନ ସମୟରେ କରୋନା ପ୍ରତିରୋଧ ପାଇଁ ଉଦ୍ଦିଷ୍ଟ ସମସ୍ତ ନିୟମ ନିଶ୍ଚୟ ପାଳନ କରନ୍ତୁ



ଅଧିକ ସୂଚନା ପାଇଁ ଆଶାଦିଦି /ଅଙ୍ଗନୱାଡି କର୍ମୀ କିମ୍ବା ସ୍ୱାସ୍ଥ୍ୟକର୍ମୀଙ୍କ ସହ ପରାମର୍ଶ କରନ୍ତୁ।

facebook.com/HFWOdisha http:www.health.odisha.gov.in @HFWOdisha
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

## ସଂକ୍ଷେପରେ

### ଚୋରି ଅଟୋ ଉଦ୍ଧାର, ଜଣେ ଗିରଫ

**ସମ୍ବଲପୁର,୨୦।୯(ବ୍ୟୁରୋ):** ସମ୍ବଲପୁର ଜିଲା ହୀରାକୁଦ ଥାନା ପୋଲିସ ଚୋରି ଅଟୋ ଜବତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ବୁର୍ଲା ମେଡିକାଲ କଲୋନୀର ଭୋଲା ରାନା। ଏନେଇ ଥାନାରେ ଏକ ମାମଲା(ନଂ.୨୧୬/୨୦) ରୁଜୁ ହୋଇଛି। ଅଭିଯୋଗ ଅନୁଯାୟୀ, ମାଛପଡ଼ାର ଶତ୍ରୁଘନ ନାହାକ ନିଜ ସମ୍ପର୍କୀୟଙ୍କ ଘର ଗଙ୍ଗାଧରନଗରକୁ ଯାଇଥିଲେ। ସେଠାରେ ଅଟୋ (ନଂ.ଓଡ଼ି୧୫-ଏ- ୩୫୬୬) ଚୋରି ହୋଇଯାଇଥିଲା। ଏନେଇ ଗତ ୧୭ ତାରିଖରେ ସେ ଥାନାରେ ଅଭିଯୋଗ କରିଥିଲେ ।

### ତିନି ଯୋଦ୍ଧାଙ୍କ ପ୍ଲାଜ୍‌ମା ଦାନ

**ଭବାନୀପାଟଣା,୨୦।୯(ଡି.ଏନ.ଏ.):** କଳାହାଣ୍ଡି ଜିଲାରେ କରୋନାରୁ ସୁସ୍ଥ ହୋଇଥିବା ୧୬ ଜଣ ପୋଲିସ କରୋନା ଯୋଦ୍ଧାଙ୍କ ମଧ୍ୟରୁ ୩ ଜଣ ପ୍ଲାଜମା ଦାନ କରିଛନ୍ତି। ହୋମଗାର୍ଡ ଭୁବନ ସୁନାନୀ ଓ ହୋମଗାର୍ଡ କାଳିଆ ଦଣ୍ଡସେନା ବୁର୍ଲା ମେଡିକାଲରେ ପ୍ଲାଜ୍‌ମା ଦାନ କରିଥିବା ବେଳେ ହୋମଗାର୍ଡ ଅଜୟ ମହାକୁଡ ବିଶାଖାପାଟଣାରେ ପ୍ଲାଜମା ଦାନ କରିଛନ୍ତି।

### ବୁଲାକୁକୁରଙ୍କ ଦୌରାତ୍ମ୍ୟ

**କୁଚିଣ୍ଡା,୨୦।୯(ଡି.ଏନ.ଏ): କୁଚିଣ୍ଡାର** ଜନଗହଳିପୂର୍ଣ୍ଣ ବସଷ୍ଟାଣ୍ଡ ତଥା ସର୍ବ ସାଧାରଣ ସ୍ଥାନମାନଙ୍କରେ ବୁଲା କୁକୁରଙ୍କ ଦୌରାତ୍ମ୍ୟ ଦେଖିବାକୁ ମିଳୁଛି। ସେମାନେ ଛୋଟ ପିଲାଙ୍କଠାରୁ ବୃଦ୍ଧଙ୍କ ପର୍ଯ୍ୟନ୍ତ ବିଭିନ୍ନ ସମୟରେ କାମୁଡ଼ିବା ପାଇଁ ଗୋଡ଼ାଉଛନ୍ତି। କୁଚିଣ୍ଡା ଏନଏସିର ବହୁ ଗଳିକନ୍ଦିରେ ଏପରି ପଲପଲ ବୁଲା କୁକୁର ଘୁରି ବୁଲୁଛନ୍ତି। ଏନଏସି କର୍ତ୍ତୃପକ୍ଷ ଏଥିପ୍ରତି ଦଅଷ୍ଟି ଦେବାକୁ ଦାବି ହେଉଛି।

### ରୁଗୁଡ଼ିପଡ଼ା ଦୁର୍ଗା ପୂଜା କାର୍ଯ୍ୟକାରୀ କମିଟି ବୈଠକ

**ବଲାଙ୍ଗୀର,୨୦।୯:** ସ୍ଥାନୀୟ ରୁଗୁଡ଼ିପଡ଼ା ଦୁର୍ଗାପୂଜା କାର୍ଯ୍ୟକାରୀ କମିଟି ବୈଠକ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉପସଭାପତି ଚେତନାନନ୍ଦ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସରକାରଙ୍କ କୋଭିଡ୍-୧୯ ନିୟମ ପାଳନ କରି ଜିଲାପାଳଙ୍କଠାରୁ ଅନୁମତି ନେଇ ଚଳିତ ବର୍ଷ ଦୁର୍ଗାପୂଜା କରାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି। ପରମ୍ପରା ରକ୍ଷା ପାଇଁ ଦୁର୍ଗାପୂଜା ବନ୍ଦ କରାଯାଇ ପାରିବ ନାହିଁ ବୋଲି ମତ ପ୍ରକାଶ ପାଇଥିଲା। ତେଣୁ ସରକାରଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ପୂଜା ପାଳନ କରାଯିବାକୁ ବୈଠକରେ ସଦସ୍ୟମାନେ ମତ ରଖିଥିଲେ। ବୈଠକରେ ସାଧାରଣ ସମ୍ପାଦକ ହରିନାରାୟଣ ପୂଜାରୀ, ଉପସଭାପତି ସଞ୍ଜୀବ ଶତପଥୀ, ସହସମ୍ପାଦକ ଦେବବ୍ରତ ବଗର୍ତ୍ତୀ, ଟିଙ୍କୁ ବାଙ୍କ, କୋଷାଧକ୍ଷ ଦେବାଶିଷ ମହାକୁର, କାର୍ଯ୍ୟକାରୀ କମିଟି ସଦସ୍ୟ ଅଶୋକ ମହାନ୍ତି, ଅରୁଣ କୁମାର ନାଏକ, ପ୍ରଦୀପ କୁମାର ପଟ୍ଟନାୟକ, ପଞ୍ଚଜନ୍ୟ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

### ଜୁନାଗଡ଼ ସହରର ୩ ପଡ଼ା କଣ୍ଟେନ୍‌ମେଣ୍ଟ ଜୋନ୍

**ଜୁନାଗଡ଼,୨୦।୯(ଡି.ଏନ୍.ଏ):** କଳାହାଣ୍ଡି ଜିଲା ଜୁନାଗଡ଼ ସହରରେ ଦିନକୁ ଦିନ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ସହରରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୩ଶହ ଟପିଥିବା ଜଣାପଡ଼ିଛି। ସହରର ଫତେନଗରପଡ଼ା,ଲକ୍ଷ୍ମୀସାଗରପଡ଼ା ଓ ବଜାରପଡ଼ାରେ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରୁ ଏହି ୩ଟି ପଡ଼ାକୁ ଆସନ୍ତା ୨୪ ତାରିଖ ମଧ୍ୟରାତ୍ରି ପର୍ଯ୍ୟନ୍ତ କଳାହାଣ୍ଡି ଜିଲାପାଳ ଡା. ଗାଭାଲି ପରାଗ ହର୍ଷଦ କଣ୍ଟେନ୍‌ମେଣ୍ଟ ଜୋନ୍ ଭାବେ ଘୋଷଣା କରିଛନ୍ତି। ସେହିପରି ଏହି ପଡ଼ାର ୩ କି.ମି ପର୍ଯ୍ୟନ୍ତ ପରିସରକୁ ବଫର ଜୋନ ଘୋଷଣା କରାଯାଇଛି। ଧର୍ମଗଡ଼ ଉପଜିଲାପାଳ ଟିଏସ୍ ଦିବାକରଙ୍କୁ ଏହାର ତଦାରଖ କରିବା ପାଇଁ ଦାୟିତ୍ୱ ପ୍ରଦାନ କରାଯାଇଛି।

# ଜୀବିକା ଦେଇଛି କରଡ଼ି

ଭବାନୀପାଟଣା,୨୦।୯(ଡି.ଏନ.ଏ.)

ପଶ୍ଚିମ ଓଡ଼ିଶାର ଘରେଘରେ ପରିଚିତ କରଡ଼ି ଏବେ କରୋନା କାଳରେ ପୁଣିଥରେ ବନବାସୀଙ୍କ ଜୀବନ ଜୀବିକାର ରାହାସାଜିଛି। ଆଦିବାସୀ ଅଧ୍ୟୁଷିତ କଳାହାଣ୍ଡି ଜିଲା ଜଙ୍ଗଲ ଅଞ୍ଚଳରେ ବନବାସୀ ଏଦୁର୍ଦ୍ଦିନରେ କରଡି ବିକ୍ରି କରି ପେଟକୁ ଦାନା ଯୋଗାଡ଼ କରୁଥିବା ଦେଖିବାକୁ ମିଳିଛି। ଦିନ ଥିଲା କରଡିକୁ କେବଳ ଆଦିବାସୀମାନେ ନିଜର ଖାଦ୍ୟ ଭାବେ ବ୍ୟବହାର କରୁଥିଲେ। ଛତୁ, କନ୍ଦା ଓ ଆମ୍ବ ଟାକୁଆ ଭଳି ସେମାନେ କରଡି ଖାଉଥିଲେ। କରଡ଼ିକୁ କଞ୍ଚାରେ ତରକାରି କରି ଖାଇବା ସହିତ ଶୁଖାଇ ଗୁଣ୍ଡ କରି ସାଇତି ରଖୁଥିଲେ। ଜୁଲାଇ ଆରମ୍ଭରୁ ବାଉଁଶ ଗଛ ମୂଳରେ ଗଜା ବାହାରେ। ଏହି ବାଉଁଶ ଗଜା ବା କରଡି ସଂଗ୍ରହ ପାଇଁ ଆଦିବାସୀମାନେ ତତ୍ପର ହୋଇ ଉଠନ୍ତି। କଳାହାଣ୍ଡି ଜିଲାରେ ରହିଛି ଅନେକ ଘଞ୍ଚ ଜଙ୍ଗଲ। ଏହି ଜଙ୍ଗଲ ନିକଟବର୍ତ୍ତୀ ଅଞ୍ଚଳରେ ବସବାସ କରୁଥିବା ଆଦିବାସୀମାନେ ପ୍ରାୟତଃ ଜଙ୍ଗଲଜାତ ଦ୍ରବ୍ୟ ଉପରେ ନିର୍ଭର କରି ନିଜର ଗୁଜୁରାଣ ମେଣ୍ଟାଇ ଥାନ୍ତି। ଆଦିବାସୀ ମହିଳା ସକାଳୁ ଜଙ୍ଗଲରେ ବୁଲି ବାଉଁଶ ମୂଳରୁ ଗଜାକୁ ସଂଗ୍ରହ କରି ଘରକୁ ଆଣିଥାନ୍ତି। ପରେ ଛୁରିରେ ଗଜାକୁ ଛୋଟ ଛୋଟ କରି କାଟି ଗୋଟିଏ ଦିନ ଘରେ ରଖି ତା ପର ଦିନ ନିକଟସ୍ଥ ବଜାରକୁ ଆଣି ବିକ୍ରି କରି ଦୁଇ ପାଇସା ରୋଜଗାର କରନ୍ତି। କରଡି ବର୍ଷକୁ ଥରେ ମିଳୁଥିବା ଯୋଗୁ ଏହାର ଚାହିଦା ମଧ୍ୟ ରହିଛି। ଭବାନୀପାଟଣା ବ୍ଲକର ଶଗଡା, ଜୁଗସାଇପାଟଣା, ଚାଞ୍ଚେର, ମେଦିନିପୁର, ଦେପୁର, ଦାଦପୁର ଭଳି ପ୍ରାୟ ସମସ୍ତ ପଞ୍ଚାୟତର ରହୁଥିବା ବନବାସୀ ଆଦିବାସୀ ସମ୍ପ୍ରଦାୟର ଲୋକଙ୍କୁ କରୋନା କାଳରେ ଏହି କରଡି ରୋଜଗାରର ପନ୍ଥା ଦେଇଛି। ଆଦିବାସୀ ମହିଳାମାନେ କରଡିକୁ ସାଧାରଣତଃ ବଜାରରେ ଭାଗରେ ବସାଇ ଭାଗ ପ୍ରତି ୧୦/୨୦ ଟଙ୍କାରେ ବିକ୍ରି କରିଥାନ୍ତି। ବର୍ତ୍ତମାନ କେବିକେର ୮ ଟି ଜିଲାରେ କରଡିର ଚାହିଦା ବଢିଛି। ଏଭଳି ଜଙ୍ଗଲଜାତ ଖାଦ୍ୟ ଏବେ ଧୀରେଧୀରେ ସହରୀ ଲୋକଙ୍କ ମଧ୍ୟ ଆଗ୍ରହ ବଢୁଛି।


ଜଣେ ମହିଳା କରଡ଼ି ବିକ୍ରି କରୁଛନ୍ତି।

# ଆଜିଠାରୁ ଅନ୍‌ଲାଇନ୍‌ରେ ପିଜି ପରୀକ୍ଷା

ସମ୍ବଲପୁର, ୨୦।୯(ବ୍ୟୁରୋ)

**ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ**

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସ୍‌ଓୟୁ) ବିଭିନ୍ନ ସ୍ନାତକୋତ୍ତର (ପିଜି) ବିଭାଗର ଶେଷ ସେମିଷ୍ଟାର ପରୀକ୍ଷା ସୋମବାରଠାରୁ ଅନ୍‌ଲାଇନରେ ହେବ। ଏଥିଲାଗି ବିଶ୍ୱବିଦ୍ୟାଳୟ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି। ଚଳିତ ବର୍ଷ ୧ହଜାର ୬୪୦ ପରୀକ୍ଷାର୍ଥୀ ଅନ୍‌ଲାଇନ ପରୀକ୍ଷା ଦେବାଲାଗି ପଞ୍ଜିକୃତ ହୋଇଛନ୍ତି। ସେମାନେ ଡେକ୍‌ଷ୍ଟପ, ଲାପଟପ୍ ଓ ସ୍ମାର୍ଟଫୋନ୍ ଜରିଆରେ ପରୀକ୍ଷା ଦେବେ। ଗ୍ରାମାଞ୍ଚଳର କେତେ ଜଣ ପରୀକ୍ଷାର୍ଥୀଙ୍କ ସକାଶେ ବିଶ୍ୱବିଦ୍ୟାଳୟ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ମଧ୍ୟ କରାଯାଇଛି। ମୋଟ ୧୬ ଦିନ ହେବାକୁ ଥିବା ଅନ୍‌ଲାଇନ ଜରିଆରେ ଦିନକୁ ୩ଟି ପର୍ଯ୍ୟାୟରେ ପରୀକ୍ଷା ହେବ। ପ୍ରତ୍ୟେକ ଦିନ ପୂର୍ବାହ୍ନ ୧୦ଟାରୁ ପରୀକ୍ଷା କରିବାକୁ ସ୍ଥିର କରାଯାଇଛି। କୌଣସି ପରୀକ୍ଷାର୍ଥୀ ଅନ୍‌ଲାଇନ ଜରିଆରେ ଯଦି ଅସାଧୁ ଉପାୟ ଅବଲମ୍ବନ କରନ୍ତି, ତେବେ ବିଶ୍ୱ ବିଦ୍ୟାଳୟର ସ୍ୱତନ୍ତ୍ର ଟିମ୍ ନିଶ୍ଚିତ ଭାବେ ଜାଣି ପାରିବେ। ଯଦ୍ୱାରା ପରିକ୍ଷାର୍ଥୀଙ୍କ ପ୍ରତି ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶାନୁସାରେ ପରୀକ୍ଷା ଅନ୍‌ଲାଇନ କରାଯାଉଛି।ଆସନ୍ତା ଅକ୍ଟୋବର ୨୦ ତାରିଖ ସୁଦ୍ଧା ଫଳାଫଳ ମଧ୍ୟ ଘୋଷଣା କରାଯିବ। ଫଳରେ ରାଜ୍ୟ ବାହାରେ ଶିକ୍ଷା ଗ୍ରହଣ ସକାଶେ ଆଗ୍ରହୀ ଥିବା ଛାତ୍ରୀଛାତ୍ରମାନେ ନାମ ଲେଖାଇ ପାରିବେ ବୋଲି ଏକ ପ୍ରେସ ବିବୃତ୍ତିରେ ସୂଚନା ଦିଆଯାଇଛି। ଓଏସ୍‌ଓୟୁ ବିଶ୍ୱବିଦ୍ୟାଳୟ କୁଳପତି ଡ.ଶ୍ରୀକାନ୍ତ ମହାପାତ୍ର କହିଛନ୍ତି ଯେ, ବିଶ୍ୱବିଦ୍ୟାଳୟର ଯୁବ ଫାକଲଟିଙ୍କ ଉଦ୍ୟମରେ ଅନ୍‌ଲାଇନ ପରୀକ୍ଷା କରାଯାଉଛି ।ଏହା ସ୍ୱାଗତଯୋଗ୍ୟ ପଦକ୍ଷେପ ଅଟେ। ଅପରପକ୍ଷେ ଖୁବ ଶୀଘ୍ର ସ୍ନାତକୋତ୍ତର ଶେଷ ବର୍ଷ ପରୀକ୍ଷାରେ ବ୍ୟାକ୍ ରହିଥିବା ଛାତ୍ରୀଛାତ୍ରମାନଙ୍କ ସକାଶେ ପରୀକ୍ଷା କରାଯିବ । ଆସନ୍ତା ଡିସେମ୍ବର ୩୧ ତାରିଖ ସୁଦ୍ଧା ଫଳାଫଳ ମଧ୍ୟ ଘୋଷଣା କରାଯିବ ବୋଲି ସେ କହିଛନ୍ତି।

# ବାଲି ଚୋରାଚାଲାଣ, ଧରାପଡ଼ିଲା ୯ ଟ୍ରାକ୍ଟର

କୁନାଗଡ,୨୦।୯(ଡି.ଏନ୍.ଏ)

କଳାହାଣ୍ଡି ଜିଲା ଜୁନାଗଡ ତହସିଲ ଆଟିଗାଁ ବାଲିଘାଟରେ ବେଆଇନ ବାଲି ଚୋରା ଚାଲାଣ ଖବର ପାଇ ରବିବାର ସକାଳେ ସ୍ଥାନୀୟ ତହସିଲଦାର ଉପେନ୍ଦ୍ର ଲୁହା ଅତର୍କିତ ଚଢାଉ କରିଥିଲେ। ଏହି ସମୟରେ ୯ଟି ବାଲି ବୋଝେଇ ଟ୍ରାକ୍ଟରକୁ ସେ ଧରିଥିଲେ। ପରେ ଉକ୍ତ ଟ୍ରାକ୍ଟରଗୁଡ଼ିକୁ ପୋଲିସ ଉପସ୍ଥିତିରେ ଜବତ କରି ତହସିଲ କାର୍ଯ୍ୟାଳୟକୁ ନେଇଥିଲେ। ସମସ୍ତଙ୍କୁ ତହସିଲ ପକ୍ଷରୁ ଫାଇନ ଭରିବା ପାଇଁ ନୋଟିସ ଦିଆଯାଇଥିଲା। ହେଲେ କେହି ବି ଫାଇନ ଦେଇ ନ ଥିବା ତହସିଲଦାର ପ୍ରକାଶ କରିଛନ୍ତି। ସୋମବାର ଧର୍ମଗଡ ଉପଜିଲାପାଳଙ୍କୁ ଜଣାଇ ଧରାପଡ଼ିଥିବା ଟ୍ରାକ୍ଟରଗୁଡ଼ିକ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ତହସିଲଦାର କହିଛନ୍ତି। ଅନ୍ୟପକ୍ଷେ, ଧରାପଡ଼ିଥିବା କେତେକ ଟ୍ରାକ୍ଟରର ମାଲିକମାନେ ଅଞ୍ଚଳର ମୁଷ୍ଟିମେୟ ବ୍ୟକ୍ତି ହୋଇଥିବାବେଳେ ଏହି ଟ୍ରାକ୍ଟରକୁ ଛଡ଼ାଇବା ପାଇଁ ରାଜନୈତିକ ଚାପ ପକାଉଥିବା ଏକ ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଏବେ ଚର୍ଚ୍ଚା ଜୋର ଧରିଛି।


ବାଲି ଚୋରାଚାଲାଣ ବେଳେ ଧରାପଡ଼ିଥିବା ଟ୍ରାକ୍ଟର ସହ ତହସିଲଦାର।

### ଅଙ୍ଗନୱାଡି କର୍ମୀଙ୍କ ଦରମା ବୃଦ୍ଧି ଦାବି କଲେ ବିଧାୟକ

ଲୋଇସିଂହା,୨୦।୯(ଡି.ଏନ.ଏ.)

ଅଙ୍ଗନୱାଡି କର୍ମୀଙ୍କ ମାସିକ ପ୍ରାପ୍ୟ ଦ୍ୱିଗୁଣିତ କରିବାକୁ ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଦାବି କରିଛନ୍ତି। ଅଲଓଡ଼ିଶା ଅଙ୍ଗନୱାଡି କର୍ମୀଙ୍କ ସହ ବିଧାୟକ ଆଲୋଚନା କରିଥିଲେ। କର୍ମୀମାନେ କେନ୍ଦ୍ରକାର୍ଯ୍ୟ କରିବା ସହ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାରେ ଜଡିତ ରହୁଛନ୍ତି। କୋଭିଡ-୧୯ କାର୍ଯ୍ୟରେ ମଧ୍ୟ ସାମିଲ ହୋଇଛନ୍ତି। ତେବେ କାର୍ଯ୍ୟ ଅନୁଯାୟୀ ପାରିଶ୍ରମିକ ମିଳୁ ନ ଥିବା କର୍ମୀମାନେ ବିଧାୟକଙ୍କୁ ଜଣାଇଥିଲେ। ଓଡ଼ିଶାର ଅଙ୍ଗନୱାଡି କର୍ମୀ ସାଢେ ୭ ହଜାର ଟଙ୍କାରେ ଖଟୁଥିବାବେଳେ ରାଜସ୍ଥାନ, ତାମିଲନାଡୁ, ତେଲେଙ୍ଗାନା, ମଧ୍ୟପ୍ରଦେଶ ଓ କେରଳ ରାଜ୍ୟରେ କାର୍ଯ୍ୟରତ କର୍ମୀଙ୍କ ପାରିଶ୍ରମିକ ୧୦ ହଜାରରୁ ୧୫ ହଜାର ରହିଛି। ତେବେ ଗୋଟିଏ ଦେଶରେ କାହିଁକି ଏହି ବ୍ୟତିକ୍ରମ ବୋଲି ବିଧାୟକ ପ୍ରଶ୍ନ କରିଛନ୍ତି। ତେଣୁ କର୍ମୀଙ୍କ ସର୍ବନିମ୍ନ ପାରିଶ୍ରମିକ ଦିଆଯାଉ ବୋଲି ସେ ଦାବି କରିଛନ୍ତି।

# ଜିଲାବ୍ୟାପୀ ରାପିଡ୍ ଆଣ୍ଟିଜେନ୍ ଟେଷ୍ଟ ଆରମ୍ଭ

ଦେବଗଡ଼,୨୦।୯(ଡି.ଏନ.ଏ.)

ଦେବଗଡ଼ ଜିଲାରେ କରୋନା ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି ଜିଲା ବ୍ୟାପୀ ରାପିଡ୍ ଆଣ୍ଟିଜେନ ଟେଷ୍ଟ ରବିବାରଠାରୁ ଆରମ୍ଭ ହୋଇଛି। ଏହା ୨୨ ତାରିଖ ପର୍ଯ୍ୟନ୍ତ ଚାଲିବ। ୪ଟି ଟିମ୍ ୩ ବ୍ଲକର ବିଭିନ୍ନ ସ୍ଥାନରେ ରାପିଡ୍ ଆଣ୍ଟିଜେନ ଟେଷ୍ଟ ନିମନ୍ତେ ସ୍ୱାବ୍ ସଂଗ୍ରହ କରିବେ। ରବିବାର ବାରକୋଟ ବ୍ଲକର ଗୋପପୁର, ମଶଣିତା, ରିଆମାଳ ବ୍ଲକର ଘୋଡ଼ାମାଳ, ତିଲେଇବଣି ବ୍ଲକର ଜରେଇକେଳା ଏବଂ ପୌରାଞ୍ଚଳର ଆଇୱାର୍ଡଠାରେ ପୂର୍ବାହ୍ନ ୧୧ଟାରୁ ୨ଟା ଏବଂ ବାରକୋଟ ବ୍ଲକର ହିଞ୍ଜିଳିତା ଓ ହରେକୃଷ୍ଣପୁର, ରିଆମାଳ ବ୍ଲକର ତପୋତଇଳା, ତିଲେଇବଣି ବ୍ଲକର କୈଳାସ ଏବଂ ପୌରାଞ୍ଚଳର ବଣିଆଁସାହିଠାରେ ଅପରାହ୍ନ ୩ଟା୩୦ରୁ ୬ଟା ପର୍ଯ୍ୟନ୍ତ ଏହି ଟେଷ୍ଟ କରାଯାଇଛି। ୨୧ ତାରିଖରେ ବାରକୋଟ ବ୍ଲକର ଲାଣ୍ଡିଝରି, ରିଆମାଳ ବ୍ଲକର ତିମୁର ଏବଂ ତିଲେଇବଣି ବ୍ଲକର ଗଇଲୋ ଓ ବଲଣ୍ଡାଠାରେ ପୂର୍ବାହ୍ନ ୧୧ଟାରୁ ୨ଟା ଏବଂ ବାରକୋଟ ବ୍ଲକର ପେଟପୁରା, ରିଆମାଳ ବ୍ଲକର ରିଆମାଳ, ତିଲେଇବଣି ବ୍ଲକର ରାଇତାଲ ଓ ନୂଆଗାଁଠାରେ ଅପରାହ୍ନ ୩ଟା୩୦ରୁ ୬ଟା ପର୍ଯ୍ୟନ୍ତ ଟେଷ୍ଟ କରାଯିବ। ୨୨ ତାରିଖରେ ବାରକୋଟ ବ୍ଲକର ରେଙ୍ଗାଲବାହାଲ, ରିଆମାଳ ବ୍ଲକର ରିଆମାଳ ତହସିଲ ଓ ନାଉଳିପଡା, ତିଲେଇବଣି ବ୍ଲକର କଳାମାଟି ଏବଂ ସଦର ହସ୍ପିଟାଲ ଆଇୱାର୍ଡଠାରେ ପୂର୍ବାହ୍ନ ୧୧ଟାରୁ ୨ଟା ଏବଂ ବାରକୋଟ ବ୍ଲକର ବାଲିନାଳି, ରିଆମାଳ ବ୍ଲକର ସିଆରିଆ ଓ ସୁନାରିପଡା, ତିଲେଇବଣି ବ୍ଲକର ନିକ୍ରିମାଳ ଏବଂ ପୌରାଞ୍ଚଳର ରିଜର୍ଭ ପୋଲିସଠାରେ ଅପରାହ୍ନ ୩ଟା୩୦ରୁ ୬ଟା ପର୍ଯ୍ୟନ୍ତ ଟେଷ୍ଟ କରାଯିବ ବୋଲି ସୂଚନା ମିଳିଛି।

# ଦଳିତ ଆଦିବାସୀ ମହାସଂଘ ଗଠିତ

ଭବାନୀପାଟଣା,୨୦।୯ (ଡି.ଏନ.ଏ)

କଳାହାଣ୍ଡି ଜିଲାର ଜାତି ଓ ମାଟି ପାଇଁ ଲଢ଼େଇ କରିବା ନିମନ୍ତେ ସାମାଜିକ ସଂଗଠନ ଦଳିତ ଆଦିବାସୀ ମହାସଂଘ ଗଠିତ ହୋଇଛି। ଏନେଇ ଭବାନୀପାଟଣାସ୍ଥିତ ଭାଗୀରଥି ଇନ୍ କନଫରେନ୍ସ ହଲଠାରେ ମହାସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଦଳିତ ଆଦିବାସୀ ସମାଜକୁ ଶିକ୍ଷିତ, ସ୍ୱାଭିମାନୀ, ସ୍ୱୟଂସମ୍ପୂର୍ଣ୍ଣ, ସବୁ କ୍ଷେତ୍ରରେ ସକ୍ଷମ, ନିତିନିର୍ଦ୍ଧାରିତ ଓ ଦିଶା ନିର୍ଦ୍ଧାରଣ କରିବା କ୍ଷେତ୍ରରେ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରିବା ପାଇଁ ବୈଠକରେ ମତପୋଷଣ କରାଯାଇଛି। ଏଥିସହିତ ନବଗଠିତ ମହାସଂଘରେ କାର୍ଯ୍ୟକର୍ତ୍ତା ଚୟନ କରାଯାଇଛି। ସଭାପତି ରୂପେ ଅବସରପ୍ରାପ୍ତ ଓଏଏସ ଜବର ଭୋଇ, କାର୍ଯ୍ୟକାରୀ ସଭାପତି ଧର୍ମେନ୍ଦ୍ର ନାଏକ ଏବଂ ସାମାଜିକ କର୍ମୀ ପରମାନନ୍ଦ ମାଝୀ, ଉପସଭାପତି ଭାବେ ଅବସରପ୍ରାପ୍ତ ଓଆରଏସ ଅଧିକାରୀ ଅନନ୍ତ ଶବର, ଆଇନଜୀବୀ ଛବିଲାଲ ନିଆଲ ଓ ଦିଗାମ୍ବର ଦୁରିଆ, ପୂର୍ବତନ ପଶ୍ଚିମ ଓଡିଶା ବିକାଶ ପରିଷଦ ସଭ୍ୟ ମାଣିକ୍ୟ ନାଏକ ପ୍ରମୁଖ ମନୋନୀତ ହୋଇଥିବାବେଳେ କୋଷାଧକ୍ଷ ଭାବେ ଲକ୍ଷ୍ମଣ ଭୋଇ ଓ ନଗର ସଭାପତି ରୂପେ ନାଦରାଜ ନାଏକ ମନୋନୀତ ହୋଇଛନ୍ତି। ଖୁବଶୀଘ୍ର ପ୍ରତ୍ୟେକ ବ୍ଲକ କମିଟି, ଟାଉନ କମିଟି ଗଠନ କରାଯାଇ ସଚେତନ କାର୍ଯ୍ୟକ୍ରମ ଆରମ୍ଭ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। କାର୍ଯ୍ୟକ୍ରମରେ ପରମାନନ୍ଦ ମାଝୀ ସଭାପତିତ୍ୱ କରିଥିବାବେଳେ ଦେବୀପ୍ରସାଦ ସିନ୍ଧୁର ସ୍ୱାଗତ ଭାଷଣ ଦେଇଥିଲେ ଓ ଧର୍ମେନ୍ଦ୍ର ନାଏକ ସଭା ପରିଚାଳନା କରିଥିଲେ। ଭୀଷ୍ମଦେବ ଭୋଇ ଧନ୍ୟବାଦ ଦେଇଥିଲେ।

### ୨୨୦ ବୋତଲ କଫ ସିରପ ଜବତ,୨ ଗିରଫ

ସମ୍ବଲପୁର,୨୦।୯(ବ୍ୟୁରୋ)

ସମ୍ବଲପୁର ଜିଲା ହୀରାକୁଦ ଥାନା ପୋଲିସ କଫ ସିରପ ବିକ୍ରି କରୁଥିବା ଅଭିଯୋଗରେ ୨ ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ଗାନ୍ଧିନଗର ପିଣ୍ଟୁ ବାହାଦୁର, ସୁମିତ ସୁନା । ଅଭିଯୁକ୍ତମାନଙ୍କଠାରୁ ୨୨୦ ବୋତଲ କଫ ସିରପ, ୩ ଷ୍ଟ୍ରିପ ନିଶା ବଟିକା ଜବତ ହୋଇଛି। ଏନେଇ ଥାନାରେ ଏକ ମାମଲା(ନଂ.୨୧୯/୨୦)ରୁଜୁ ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ହୀରାକୁଦ ଅଞ୍ଚଳରେ ବ୍ୟପକ ମାତ୍ରାରେ କଫ ସିରପ ବିକ୍ରି ହେଉଥିବା ନେଇ ଅଭିଯୋଗ ହୋଇଥିଲା। ଏସ୍‌ଆଇ ଯୋଗେଶ ବେଜ, ଗୋଲକ ପ୍ରଧାନଙ୍କ ସମେତ ୭ କର୍ମଚାରୀଙ୍କୁ ନେଇ ଟିମ୍ ଗଠନ ହୋଇଥିଲା।

# ୫ମାସ ପରେ ଆରମ୍ଭ ହେଲା ସାପ୍ତାହିକ ହାଟ

ଜହ୍ନାପଙ୍କ,୨୦।୯ (ଡି.ଏନ.ଏ)

କରୋନା କଟକଣା ପାଇଁ ଦୀର୍ଘ ଦିନ ହେବ ବନ୍ଦ ହୋଇଥିବା ତେଲିବନ୍ଧ ସାପ୍ତାହିକ ହାଟ ଶନିବାର ପୁଣି ଆରମ୍ଭ ହୋଇଛି। ଦୀର୍ଘ ୫ମାସ ପରେ ବଜାର ବସିଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ସୂଚନାଯୋଗ୍ୟ ଯେ, କରୋନା ସଂକ୍ରମଣ ରୋକିବା ପାଇଁ ଗତ ମାର୍ଚ୍ଚ ମାସରେ ଲକ୍‌ଡାଉନ ଘୋଷଣା ହେବା ସହିତ ସାପ୍ତାହିକ ହାଟ ବନ୍ଦ ହୋଇଥିଲା। ସାପ୍ତାହିକ ହାଟ ବନ୍ଦ ହେବା ଯୋଗୁଁ ଗ୍ରାହକ ଓ ବ୍ୟବସାୟୀମାନେ ନାହିଁ ନ ଥିବା ସମସ୍ୟାର ସମ୍ମୁଖିନ ହୋଇଥିଲେ। ଏପରିକି ଗଣପର୍ବ ନୂଆଁଖାଇରେ ମଧ୍ୟ ହାଟ ବସି ପାରି ନ ଥିଲା। ଦୀର୍ଘ ଦିନ ଧରି ହାଟ ବନ୍ଦ ରହିବାରୁ ବ୍ୟବସାୟୀମାନଙ୍କର ରୋଜଗାର ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା। ବ୍ୟବସାୟୀ ଆର୍ଥିକ ଅନଟନର ସମ୍ମୁଖିନ ହେବା ସହିତ ନିଜର ପରିବାର ଚଳାଇବାକୁ ଅସମର୍ଥ ହୋଇପଡ଼ିଥିଲେ। ସେହିପରି ବ୍ଲକର ନାରାୟଣନଗର, ଖୁଣ୍ଟବନ୍ଧ, ପଦ୍ମନପୁର, ମୁଣ୍ଡାପଡ଼ା, ବଘିଆପଡ଼ା, ଖଜୁରୀପଡ଼ା, ସାହାଜପାଲରେ ସାପ୍ତାହିକ ହାଟ ଆରମ୍ଭ ହୋଇଥିବା ସୂଚନା ମିଳିଛି ।

# କରତକଳ ଉପରେ ଚଢ଼ାଉ

ଲୋଇସିଂହା,୨୦।୯(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ରେଞ୍ଜ ଆଗଲପୁର ବ୍ଲକ ଗୁଡିମୁଣ୍ଡାରେ ଚାଲିଥିବା ବେଆଇନ କରତକଳ ଉପରେ ବନବିଭାଗ ପକ୍ଷରୁ ଶନିବାର ଚଢାଉ କରାଯାଇଛି। ଏଥିରେ କରତ କଳ, କରତକଳରେ ଖଞ୍ଜା ଯାଇଥିବା ଟ୍ରାକ୍ଟର ଇଞ୍ଜିନ, ଏକ ବାଇକ ଓ ସାଇଜ ସେମେଲ ପଟା ଜବତ କରାଯାଇଛି। ବନ ବିଭାଗ ଚଢାଉ କରିଥିବା ସୂଚନା ପାଇ ୩ କର୍ମଚାରୀ ଫେରାର ହୋଇଯାଇଥିଲେ। ସୂଚନା ଅନୁଯାୟୀ, ଏଠାରେ ବେଆଇନ କରତକଳ ଚାଲୁଥିଲେ ସୁଦ୍ଧା ବନ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିଲା। ଏକଥା ଡିଏଫଓ ସମୀର କୁମାର ଶତପଥୀ ଜାଣିଲା ପରେ ଏସସିଏଫ ବାବଜୀଚରଣ ରାଉଳ, ମୋଇବାଲ ସ୍କ୍ୱାଡ୍ ଫରେଷ୍ଟର ସୁନୀଲ ମିଶ୍ର, ଆଦିତ୍ୟ ନନ୍ଦ ଓ ପଟଣାଗଡ ଷ୍ଟାଫ୍ ଚଢାଉ କରିଥିଲେ। ଗତ ୧୦ ତାରିଖରେ ମଧ୍ୟ ବ୍ଲକର ଫଟାମୁଣ୍ଡାରେ ସମ୍ପୃକ୍ତ ଅଧିକାରୀ ଚଢାଉ କରି କରତ କଳ ଓ କାଠଗଣ୍ଡି ଜବତ କରିଥିଲେ।


ଚଢ଼ାଉରେ ସାମିଲ ଥିବା ବନବିଭାଗ କର୍ମଚାରୀମାନେ।

# ଗୋଷ୍ଠୀ ଶୌଚାଳୟ ନିର୍ମାଣକୁ ବିରୋଧ

ଲୋଇସିଂହା,୨୦।୯(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ବୁର୍ଡା ଗ୍ରାମର ଗୋଷ୍ଠୀ ଶୌଚାଳୟ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ନିର୍ମାଣ କରାଯାଉଛି। ଏହା ସର୍ବସାଧାରଣ ସ୍ଥଳରେ ନ ହୋଇ ପଞ୍ଚାୟତ ପରିସରରେ କରାଯାଉଥିବା ଜାଣି ଗ୍ରାମବାସୀ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଏପରି କି ନିର୍ମାଣ କାମକୁ ବିରୋଧ କରି ସର୍ବସାଧାରଣ ସ୍ଥାନରେ ନିର୍ମାଣ କରିବାକୁ ଦାବି କରିଛନ୍ତି। ସୂଚନାଯୋଗ୍ୟ, ଆରଡବ୍ଲ୍ୟୁଏସଏସ ପକ୍ଷରୁ ବୁର୍ଡା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ୩ ଲକ୍ଷ ଟଙ୍କା ବ୍ୟୟରେ ଗରିବ କଲ୍ୟାଣ ରୋଜଗାର ଯୋଜନରେ ଗୋଷ୍ଠୀ ଶୌଚାଳୟ ନିର୍ମାଣ ଚାଲିଛି। ମାତ୍ର ଶୌଚାଳୟ ଏଠାରେ ହେଲେ ଜନସାଧାରଣ ଯୋଜନାର ସୁଫଳ ପାଇବାରୁ ବଞ୍ଚିତ ହେବେ ବୋଲି ଗ୍ରାମର ଯଦୁ ବାରିକ, ବିଜୁନାଗ, କ୍ଷୀରୋଦ୍ର ସାହୁ, ଜଗମହନ ସାହୁ, ବୃନ୍ଦା କଲେତଙ୍କ ସମେତ ବହୁ ମହିଳା କହିଛନ୍ତି। ସେମାନଙ୍କ ଦାବି ହେଲା, ବୁର୍ଡା ଗ୍ରାମଦେଇ ବଲାଙ୍ଗୀର-ବରଗଡ ୨୬ନଂ ଜାତୀୟ ରାଜପଥ ଯାଇଛି। କଂଶରୁ କଣ୍ଟା ପଟରେ ସରକାରୀ ଜମି ରହିଛି। ସେଠାରେ ଗୋଷ୍ଠୀ ଶୌଚାଳୟ ନିର୍ମାଣ ହୋଇଥିଲେ ବୁର୍ଡା ଗ୍ରାମବାସୀ ଓ ରାଜପଥ ଯାତ୍ରୀମାନେ ଏହାର ସୁଫଳ ନେଇଥାନ୍ତେ। ସେହିପରି କାମ ଅଧା ପନ୍ତରିଆ ହୋଇଥିଲେ ସୁଦ୍ଧା ସୂଚନା ଫଳକ ଲଗା ଯାଇନାହିଁ। ତେଣୁ ଗ୍ରାମବାସୀଙ୍କୁ ଅନ୍ଧାରରେ ରଖି କାମ ଚାଲିଥିବା କୁହାଯାଇଛି। ଶନିବାର ଫୋନରେ ଅଭିଯୋଗ ପାଇବା ପରେ ଯନ୍ତ୍ରୀ ଦୁର୍ଗାପ୍ରସାଦ ମିଶ୍ର କାମ ସ୍ଥଗିତ ରଖିବାକୁ କହିଥିଲେ। ହେଲେ ରବିବାର ମଧ୍ୟ କାମ ଚାଲୁ ରହିଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏସମ୍ପର୍କରେ ଯନ୍ତ୍ରୀ ମିଶ୍ର କୁହନ୍ତି, ଗାଇଡ ଲାଇନ ଅନୁଯାୟୀ କାମ ଚାଲିଛି। ତେଣୁ କିଛି ଅସୁବିଧା ନାହିଁ।


ନିର୍ମାଣ ଚାଲିଥିବା ଗୋଷ୍ଠୀ ଶୌଚାଳୟ।

